# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

**ଟେଣ୍ଡର ବିଜ୍ଞପ୍ତି**

ନଂ. ୪୩୦୮ ତା. ୨୮.୧୨.୨୦୨୩

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାରକିଙ୍ଗ୍ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ପଡିଆ ଗୁଡିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ସର୍ତ୍ତାବଳୀ ସହ ଯୋଗାଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧.୦୦ ଘଟିକା ରୁ ଅପରାହ୍ନ ୦୪.୦୦ ଘଟିକା ସୁଦ୍ଧା) ୦୧.୦୧.୨୦୨୪ ଠାରୁ ତା. ୦୪.୦୧.୨୦୨୪ (ଛୁଟିଦିନ ବ୍ୟତିତ) ଟ.୫୦୦୦.୦୦(ପାଞ୍ଚ ହଜାର ଟଙ୍କା ମାତ୍ର)/ [ପାର୍କିଂ ପାଇଁ ଟ. ୩୦୦୦.୦୦ (ତିନି ହଜାର ଟଙ୍କା ମାତ୍ର)] ବିନିମୟରେ ଟେଣ୍ଡର କାଗଜପତ୍ର ଯୋଗାଇ ଦିଆଯିବ । ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି , ଏକ ଜଉମୁଦ ଲଫାପାରେ ପୂରାଇ ତା. ୦୧.୦୧.୨୦୨୪ ଠାରୁ ତା. ୦୫.୦୧.୨୦୨୪ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ । ତାହା ସମସ୍ତଙ୍କ ଉପସ୍ଥିତିରେ ତା.୦୫.୦୧.୨୦୨୪ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା. ୦୮.୦୧.୨୦୨୪ ଅପରାହ୍ନ ୫.୦୦ଘଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ଚୁଡାନ୍ତ କରାଯିବ ଏବଂ ସେହିଦିନ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଫର୍ମ ନିର୍ଦ୍ଦିଷ୍ଟ ବାକ୍ସରେ ଦାଖଲ କରିପାରିବେ । ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡର କୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://baragarh.nic.in ରେ ମଧ୍ୟ ଉପଲବ୍ଧ ହେବ ।

କୁମାର ନାଗଭୂଷଣ
୨୮.୧୨.୨୩

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

Scanned with OKEN Scanner

# ସର୍ତ୍ତାବଳୀ

ଧନୁଯାତ୍ରାରେ ଆମୋଦ ପ୍ରମୋଦ / ଖାଦ୍ୟ ସାମଗ୍ରୀ/ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ ନିମନ୍ତେ ଷ୍ଟଲ୍ ଏବଂ ପାର୍କିଂ ନିମନ୍ତେ ସ୍ଥାନ ପାଇଁ ଆବେଦନ କରିବାର ସର୍ତ୍ତାବଳୀ :-

୧- ଆବେଦନକାରୀ ଟ. ୫,୦୦୦/- (ପାର୍କିଂ ପାଇଁ ଟା ୩,୦୦୦/-)ଜମା କରିବେ ଯାହା ଫେରସ୍ତ ହେବନାହିଁ ।ଉକ୍ତ ରସିଦକୁ ଆବେଦନ ଫର୍ମ ସହିତ ସଂଶ୍ଳିଷ୍ଟ କରିବେ ଏବଂ ପ୍ରତ୍ୟେକ ଜୋନ୍ ପାଇଁ ଅଲଗା ଟେଣ୍ଡର କରାଯିବ ।

୨- ଧନୁଯାତ୍ରା ପଡିଆର ବିଭିନ୍ନ ଷ୍ଟଲ୍ ଯଥା ଦୋଲି /ଝୁଲା, ମୀନାବଜାର/ଛୋଟ ଦୋକାନ, ଟ୍ରେଡ ଫେୟାର, ଫୁଡ ଫେଷ୍ଟ, ଖାଦ୍ୟ ସାମଗ୍ରୀ ଠେଲା ଓ ଫୁଟପାଥ୍ ଦୋକାନ ନିମନ୍ତେ ଉଦ୍ଦିଷ୍ଟ ସମୁଦାୟ ଏରିଆ ତଥା ନିର୍ଦ୍ଦିଷ୍ଟ ସାଇଜର ଦୋକାନ ସଂଖ୍ୟା ନିମ୍ନ ପ୍ରଦତ୍ତ ଟେବୁଲରେ ଉଲ୍ଲେଖ କରାଯାଇଅଛି । ଏହାର ଲେ-ଆଉଟ୍ ପ୍ଲାନ ଟେଣ୍ଡର କାଗଜାତ ସହ ଯୋଗାଇ ଦିଆଯାଉଅଛି । (ସ୍ଥଳବିଶେଷରେ ପଡିଆରେ ବ୍ଲକ ଆବଣ୍ଟନ ସମୟରେ ସମୁଦାୟ ଦୋକାନ ସଂଖ୍ୟା ତଥା ସମଗ୍ର ଏରିଆରେ ୫ ପ୍ରତିଶତ ପର୍ଯ୍ୟନ୍ତ କମିଯାଇପାରେ ) । ପ୍ରତିଟି ପ୍ରକାରର ଦୋକାନ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ନିମନ୍ତେ ସର୍ବନିମ୍ନ ମୂଲ୍ୟ (ଅପ୍-ସେଟ୍ ପ୍ରାଇସ୍) ନିମ୍ନ ସାରଣୀର ଉଲ୍ଲେଖ ରହିଛି ।

- ଲେ-ଆଉଟ୍ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ମୀନାବଜାର, ଛୋଟ ଦୋକାନ, ଖାଦ୍ୟ ଦୋକାନ (ଫୁଡ୍ ଫେଷ୍ଟ) ଓ ଟ୍ରେଡ ଫେୟାରର ଷ୍ଟଲ ଗୁଡିକୁ ନିଲାମ ଗ୍ରହୀତାଙ୍କ ତରଫରୁ ପ୍ରଥମେ ନିର୍ମାଣ କରାଯିବ । ନିର୍ମାଣ ସରିଲାପରେ ତାହା ଦୋକାନୀ/ ଇଚ୍ଛୁକ ବ୍ୟବସାୟୀ ମାନଙ୍କୁ ନିଲାମ ଗ୍ରହୀତାଙ୍କ ତରଫରୁ ହସ୍ତାନ୍ତର (ଆଲଟମେଣ୍ଟ) କରାଯିବ । ନିର୍ଦ୍ଦିଷ୍ଟ ବ୍ଲକମାନଙ୍କରେ ଉର୍ଦ୍ଦିଷ୍ଟ ଦୋକାନମାନଙ୍କର ସାମଗ୍ରିକ ଭାବରେ ସମାନ ଡିଜାଇନ୍ ଦ୍ଵାରା ପୂର୍ବ ପ୍ରସ୍ତୁତ ଦୋକାନ ନିର୍ମାଣ ନ ହେଲେ ଯାତ୍ରା ପଡିଆରେ ସୌନ୍ଦର୍ଯ୍ୟ ହାନି ହେଉଥିବାରୁ ଏହି ବର୍ଷ ପ୍ରଥମେ ଦୋକାନ ନିର୍ମାଣ କରାଯିବା ବାଧ୍ୟତା ମୂଳକ କରାଯାଇଅଛି ।
- ଗୋଟିଏ ଧାଡିରେ ଅବସ୍ଥିତ ଦୋକାନ ଗୁଡିକରେ ନାମ ଫଳକ ଉପରେ ସମ୍ବଲପୁରୀ ଶାଢୀ ଡିଜାଇନ୍ ର ଫେସିଆ (ଯାହାର ପ୍ରସ୍ଥ ଅଢେଇ ଫୁଟ ହୋଇଥିବ)ନିଲାମଧାରୀଙ୍କ ତରଫରୁ ଦୋକାନ ନିର୍ମାଣ ସମୟରେ ଲଗାଯିବ । ଫେସିଆ ତଳକୁ ଦୋକାନୀ ନିଜର ନାମ ଫଳକ ଲଗାଇପାରିବେ । ଉକ୍ତ ସମ୍ବଲପୁରୀ ଶାଢୀ ଡିଜାଇନ୍ ର ଫେସିଆ କନା କିମ୍ବା ଫ୍ଲେକ୍ସ ଉପରେ ପ୍ରିଣ୍ଟ ହେବା ଆବଶ୍ୟକ । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିଭିନ୍ନ ଧାଡିରେ ଅଲଗା ପ୍ରକାରର ଫେସିଆ ଲଗାଇବାପାଇଁ ପ୍ରଯତ୍ନ କରାଯିବ ।
- ଗୋଟିଏ ଧାଡିରେ ଦୋକାନ ଗୁଡିକର ସମାନ ରଙ୍ଗର କପଡା କିମ୍ବା ଫ୍ଲେକ୍ସ ବ୍ୟବହାର କରାଯିବ ।
- ଆଲଟମେଣ୍ଟ ପରେ ଦୋକାନୀ ନିଜର ଆବଶ୍ୟକ ଅନୁଯାୟୀ ଭିତରର ସୌନ୍ଦର୍ଯ୍ୟ କରଣ (Internal Decoration)କରିପାରିବେ ।
- ଲେ-ଆଉଟ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ସମସ୍ତ ଦୋକାନର ନମ୍ବର କୁ ଉକ୍ତ ଦୋକାନ ଉପରେ ଲଗାଯିବ ।
- ଜଣେ ଦୋକାନୀ ଚାହିଁଲେ ଏକାଧିକ ଦୋକାନ ଏକକାଳୀନ ନେଇପାରିବେ ମାତ୍ର ସମସ୍ତ ଦୋକାନର ନମ୍ବର ପୂର୍ବଭଳି ପରିବର୍ତ୍ତନ କରାନଯାଇ ଦୋକାନ ଉପରେ ଲଗାଯିବ । (ଉଦାହରଣ ସ୍ଵରୂପ ଜଣେ ଦୋକାନୀ ଯଦି ଉଭୟ ୬୧ ଓ ୬୨ନମ୍ବର ଦୋକାନ ନେଲେ ତେବେ ତାଙ୍କର ଏକକୃତ ଦୋକାନ ଉପରେ ୬୧ ଓ ୬୨ନମ୍ବର ଲେଖାଯିବ )
- ଦୋକାନ ଆଲଟମେଣ୍ଟ ହେଲାପରେ ନିଲାମଧାରୀଙ୍କ ତରଫରୁ ଦୋକାନ ନେଇଥିବା ବ୍ୟକ୍ତିଙ୍କର ନାମ, ଭୋଟର ପରିଚୟ ପତ୍ର, ଆଧାର କାର୍ଡର ନମ୍ବର ଓ ମୋବାଇଲ ନମ୍ବର ଓ ସେ କି ପ୍ରକାର ଦୋକାନ କରିବେ ତାହା ଉଲ୍ଲେଖ କରି ଜମି ଆବଣ୍ଟନ କମିଟି (Land Allotment Committee) କୁ ଜଣାଇବେ ।
- ନିଲାମ ଗ୍ରହୀତା କେବଳ ଦୋକାନୀ/ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରିପାରିବେ । ଥରେ ଦୋକାନ ଆବଣ୍ଟନ ହେବାପରେ ଦୋକାନୀ ଏହାକୁ ଅନ୍ୟକାହାକୁ ସବ୍-ଲେଟ୍ କରିପାରିବେ ନାହିଁ ।

Scanned with OKEN Scanner

- ସ୍ୱତନ୍ତ୍ର ସ୍କ୍ୱାଡ (Squard) ଦ୍ୱାରା ଦୋକାନୀମାନଙ୍କର ପରିଚୟ ବିଭିନ୍ନ ସମୟରେ ଯାଞ୍ଚ କରାଯିବ । ଯଦି sub-let ହୋଇଥିବା ପ୍ରମାଣ ମିଳେ ତେବେ ଉପରୋକ୍ତ ଦୋକାନୀଙ୍କୁ ସେଠାରୁ ବିନା କ୍ଷତିପୂରଣରେ ବେଦଖଲ କରାଯିବ ।
- ଯଦି କୌଣସି ମଧ୍ୟସ୍ଥ ମାଧ୍ୟମରେ ଦୋକାନ ଗୁଡିକୁ sub-let/sub-lease ଦ୍ୱାରା ଆବଣ୍ଟନ କରାଯାଇଥିବା ସମ୍ବନ୍ଧରେ ପ୍ରମାଣ ମିଳେ ତେବେ ଉଭୟ ନିଲାମଧାରୀ ଓ ମଧ୍ୟସ୍ଥଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
- ଦୋକାନ ଓ ଠେଲାଗୁଡ଼ିକର ସମ୍ମୁଖ ଭାଗ (face) ଲେ-ଆଉଟ୍ ପ୍ଲାନ୍ ମୁତାବକ ଖୋଲାଯିବ । ଅନ୍ୟଦିଗକୁ ଏହା ଖୋଲାଗଲେ ସେମାନଙ୍କୁ ବିନାକ୍ଷତି ପୂରଣରେ ବେଦଖଲ କରାଯିବ ।
- ଖାଦ୍ୟ ସାମଗ୍ରୀ ଦୋକାନୀ/ ଠେଲାମାନେ ନିଜ ଦୋକାନ ପାର୍ଶ୍ୱରେ ଆବଶ୍ୟକ ସଂଖ୍ୟକ ଡଷ୍ଟବିନ୍ ରଖିବାପାଇଁ ବାଧ୍ୟ । ପ୍ରତି ଡଷ୍ଟବିନ୍ ଦେହରେ ଦୋକାନ/ଠେଲା ନମ୍ବର ଲେଖାଥିବା କାଗଜ ଅଠାମାଧ୍ୟମରେ ଲଗାଇବେ ।
- ଯାତ୍ରାକୁ ଧୂଳିମୁକ୍ତ/ ପ୍ରଦୂଷଣ ରହିତ କରିବା ଉଦ୍ଦେଶ୍ୟରେ ନିଲାମଧାରୀମାନେ ତାଙ୍କ ଉଦ୍ଦିଷ୍ଟ ବ୍ଲକ୍ ଗୁଡ଼ିକରେ କାର୍ପେଟ ବିଛାଇବା ନିମନ୍ତେ ପ୍ରଯତ୍ନ କରିବେ ।
- ଯେକୌଣସି ଖାଦ୍ୟ ପ୍ରସ୍ତୁତ କରାଯାଉଥିବା କିମ୍ବା ଗ୍ରାହକମାନଙ୍କୁ ସେଠାରେ ଖାଇବା ନିମନ୍ତେ ପ୍ରସ୍ତୁତ ଖାଦ୍ୟ (Cooked Food) ବିକ୍ରୟ କରାଯାଉଥିବା ଦୋକାନ କେବଳ ଫୁଡ୍ ଫେଷ୍ଟ ନିମନ୍ତେ ଉଦ୍ଦିଷ୍ଟ ବ୍ଲକରେ ଖୋଲାଯିବ । ଏଭଳି ଦୋକାନ ମୀନାବଜାର କିମ୍ବା ଛୋଟ ଦୋକାନ ନିମନ୍ତେ ଉଦ୍ଦିଷ୍ଟ ବ୍ଲକରେ ଖୋଲାଯାଇପାରିବ ନାହିଁ ।
- ନିଲାମ ଧାରୀଙ୍କ ତରଫରୁ ବିଦ୍ୟୁତ୍ ବିଭାଗ ତରଫରୁ ନିୟମାନୁଯାୟୀ ବିଦ୍ୟୁତ୍ ସଂଯୋଗ ନିଆଯିବ । ସେହିଭଳି ଅଗ୍ନିନିର୍ବାପନ ବିଭାଗ ତରଫରୁ R&B ବିଭାଗ ତରଫରୁ ସୁରକ୍ଷା ପ୍ରମାଣ ପତ୍ର (Safety Certificate/NOC) ହାସଲ କରାଯିବାକୁ ବାଧ୍ୟତାମୂଳକ ଅଟେ ।
- କୌଣସି ଦୋକାନୀ ରାସ୍ତା ଅବରୋଧକରି କୌଣସି ନିର୍ମାଣ କିମ୍ବା ବିକ୍ରୟ କାର୍ଯ୍ୟ କରିପାରିବେ ନାହିଁ । ଏହାର ଉଲଂଘନ ହେଲେ ଦୋକାନୀଙ୍କୁ ସେହିଠାରୁ ବିନାକ୍ଷତିପୂରଣରେ ବେଦଖଲ କରାଯିବ ।
- ନିଲାମପରେ ଜମିଆବଣ୍ଟନ କମିଟି ସହ Agreement କରାଯିବ । ସେ ସମୟରେ ପ୍ରତିଦୋକାନ ପିଛା Sqft. ଅନୁଯାୟୀ ସର୍ବାଧିକ ମୂଲ୍ୟ ବିଷୟରେ Land Allotment Committee ତରଫରୁ ସମସ୍ତ ଆନୁସଂଗିକ ଖର୍ଚ୍ଚକୁ ବିଚାରକୁ ନିଆଯାଇ Agreement ରେ ସେ ବିଷୟରେ ଉଲ୍ଲେଖ ରହିବ । ଏହାର ଉଲଂଘନ ବିଷୟ ନଜରକୁ ଆସିଲେ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୩- ଦୋଳି/ଝୁଲା - ଝୁଲା କିମ୍ବା ଦୋଳି ନିମନ୍ତେ ଉଦ୍ଦିଷ୍ଟ ବ୍ଲକରେ ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ କରିବା ପୂର୍ବରୁ ଏହାର ଲେ-ଆଉଟ୍ ପ୍ଲାନ କୁ ନିଲାମଧାରୀଙ୍କ ତରଫରୁ Police/Fire/Electricity ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯିବ ।

- ଦୋଳି/ଝୁଲା ନିଲାମଧାରୀଙ୍କ ତରଫରୁ Competent Authorities ଙ୍କଠାରୁ Safety Certificate/NOC ସାର୍ଟିଫିକେଟ ହାସଲ କଲାପରେ ଏହାକୁ ଚଳାଇ ପାରିବେ ।
- ସମସ୍ତ ବିଦ୍ୟୁତ ଚାଳିତ ବଡ଼ଦୋଳିର ସର୍ବାଧିକ ଗ୍ରାହକ ପିଛା ମୂଲ୍ୟ ଟ୪୦ଙ୍କାରୁ ଅଧିକ ହେବ ନାହିଁ ।
- ସମସ୍ତ ବିଦ୍ୟୁତ ଚାଳିତ ମଧ୍ୟମ୍‌ଦୋଳିର ସର୍ବାଧିକ ଗ୍ରାହକ ପିଛା ମୂଲ୍ୟ ଟ୩୦ଙ୍କାରୁ ଅଧିକ ହେବ ନାହିଁ ।
- ସମସ୍ତ ବିଦ୍ୟୁତ ଚାଳିତ ଛୋଟ୍‌ଦୋଳିର ସର୍ବାଧିକ ଗ୍ରାହକ ପିଛା ମୂଲ୍ୟ ଟ୨୦ଙ୍କାରୁ ଅଧିକ ହେବ ନାହିଁ ।

- ଛୋଟ ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟୁତ୍ ଦ୍ୱାରା ଘୂରୁନଥିବା ଛୋଟ ଦୋଳିର ଗ୍ରାହକ ପିଛା ମୂଲ୍ୟ ଟ୧୦ଙ୍କା ରୁ ଅଧିକ ହେବ ନାହିଁ ।

Scanned with OKEN Scanner

- ପ୍ରତ୍ୟେକ ଦୋଳି ୧୦ ରାଉଣ୍ଡରୁ କମ୍ ହୋଇପାରିବ ନାହିଁ ।
- ୧୦ରାଉଣ୍ଡ ପିଛା ଦୋଳିର ରେଟ୍ ଓଡ଼ିଆରେ ସମସ୍ତ ଦୋଳି ପାଖରେ ଦୃଶ୍ୟମାନ ହେବାଭଳି ନିଲାମଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯିବ ।

୪- ଫୁଟପାଥ୍ ଦୋକାନ- ଲେ-ଆଉଟ୍ ପ୍ଲାନ ଅନୁଯାୟୀ ରାସ୍ତା କଡ଼ରେ ସ୍ୱତନ୍ତ୍ରଭାବେ ସୃଷ୍ଟି କରାଯାଇଥିବା ଫୁଟ୍‌ପାଥ୍ ଜୋନ୍‌ରେ ୬ଫୁଟ୍ X ୬ଫୁଟ୍ ର ଦୋକାନ ଅନୁନ୍ୟ ୨୦୦ଗୋଟି ଆବଣ୍ଟିତ କରାଯିବ । ଏଥି ନିମନ୍ତେ ଇଚ୍ଛୁକ ନିଲାମଧାରୀ ଦୋକାନ ପିଛା ସର୍ବାଧିକ ଡାକ ମୂଲ୍ୟ ଉଲ୍ଲେଖ କରି ଟେଣ୍ଡର ଦାଖଲ କରିବେ । ସମସ୍ତ ଫୁଟପାଥ୍ ଦୋକାନକୁ ଗୋଟିଏ ବ୍ଲକ ଭାବେ ନିଲାମ କରାଯିବ ।

୫- ପାର୍କିଂ ପ୍ଲେସ- ପାର୍କିଂ ସ୍ଥାନପାଇଁ ଆବେଦନକାରୀ ସର୍ବୋଚ୍ଚ ଡାକ ମୂଲ୍ୟ ଲେଖି ଟେଣ୍ଡର ପକାଇବେ ଏବଂ **ସର୍ବନିମ୍ନ ମୂଲ୍ୟ** (Upset Price) ର ୧୫% ଅମାନତ ରାଶି (Earnest Money) ବ୍ୟାଙ୍କ ଡ୍ରାଫ୍‌ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ ।

ଜମି ଆବଣ୍ଟନ ସୁପାରିସ କ୍ରମେ ସର୍ବୋଚ୍ଚ ଟେଣ୍ଡର ପାଇଥିବା ଆବେଦନକାରୀ ପାର୍କିଂ ପାଇଁ ନିମ୍ନ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଅସୁଲି କରିବେ । ଧାର୍ଯ୍ୟ ମୂଲ୍ୟ- ସାଇକଲ- ଟ୧୦.୦୦ଙ୍କା, ଦୁଇଚକିଆ ଯାନ- ଟ୨୦.୦୦ଙ୍କା, ତିନିଚକିଆ ଯାନ- ଟ୩୦.୦୦ଙ୍କା ଓ ଚାରି ଚିକିଆ ଯାନ- ଟ୪୦.୦୦ଙ୍କା

୬- ଟେଣ୍ଡର ବାବଦକୁ ଆବେଦନକାରୀ (Upset Price) ସର୍ବନିମ୍ନ ମୂଲ୍ୟ ର ୧୫% ଅମାନତ ରାଶି (Earnest Money) ବ୍ୟାଙ୍କ୍ ଡ୍ରାଫ୍‌ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ବ୍ୟାଙ୍କ୍ ଡ୍ରାଫ୍‌ଟ ଟି ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼ ଙ୍କ ନାମରେ କରିବେ । ଅନ୍ୟଥା ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୭- ଦର୍ଶକମାନଙ୍କ ନିରାପତ୍ତା ନିମନ୍ତେ ଏବଂ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରୁ ରକ୍ଷାକରିବା ନିମନ୍ତେ ନିମ୍ନ ଲିଖିତ ସର୍ତ୍ତ ପାଳନ କରିବାକୁ ବାଧ୍ୟ ଅଟନ୍ତି । ସର୍ତ୍ତ ପାଳନରେ ଖିଲାପ କଲେ ଜମି ବଣ୍ଟନ ତୁରନ୍ତ ରଦ୍ଦ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଗ୍ନିକାଣ୍ଡ ସମ୍ବନ୍ଧୀୟ ଓ ବିଦ୍ୟୁତ୍ ସରବରାହରେ ସର୍ଟ ସର୍କିଟ୍ ଭଳି ଦୁର୍ଘଟଣା ଏଡାଇବା ପାଇଁ ବ୍ୟବସାୟୀମାନେ ଉଚ୍ଚମାନର ବିଦ୍ୟୁତ ତାର, କେବୁଲ, ବ୍ଲାକ୍ ଟେପ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର କରିବେ । ଷ୍ଟଲ୍ ମାନଙ୍କରେ କୌଣସି ସିନ୍ଥେଟିକ୍ ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ । ପ୍ରତ୍ୟେକ ଷ୍ଟଲ୍‌ରେ ଅଗ୍ନିନିରୋଧକ ବ୍ୟବସ୍ଥା, ଯଥା- ପାଣିବାଲ୍‌ଟି, ବାଲିପୂର୍ଣ୍ଣ ବାଲ୍‌ଟି, ଅନ୍ୟୁନ୍ୟ ୪ଗୋଟି ଏବଂ ପ୍ରତି ବ୍ଲକରେ ଏକଗୋଟି ଫାୟାର ଏକ୍ସଟିଙ୍ଗୁଇସର ରଖିବେ । କୌଣସି ପ୍ରକାର ଦୁର୍ଘଟଣା ପାଇଁ ଆବେଦନକାରୀ ଦାୟୀ ରହିବେ ।

୮- ଜମି ଆବଣ୍ଟନ କମିଟିଙ୍କ ସୁପାରିଶକ୍ରମେ ସର୍ବୋଚ୍ଚ ଟେଣ୍ଡର ପାଇଥିବା ଆବେଦନକାରୀ ପାର୍କିଂପାଇଁ ନିମ୍ନ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଅସୁଲି କରିବେ । ଧାର୍ଯ୍ୟ ମୂଲ୍ୟରୁ ଅଧିକ ଟଙ୍କା ଅସୁଲି କଲେ ଆଇନାନୁଯାୟୀ ଦଣ୍ଡିତ ହେବେ ଏବଂ ତାଙ୍କ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।

Scanned with OKEN Scanner

୯- ଟେଣ୍ଡର ପାଇଥିବା ସଂପୃକ୍ତ ବ୍ୟକ୍ତି ଯଦି ଆବଣ୍ଟିତ ଜାଗାକୁ ଉପଯୋଗ କରିପାରିବେ ନାହିଁ ତେବେ ସେଥିପାଇଁ କମିଟି ଦାୟୀ ରହିବ ନାହିଁ କିମ୍ବା ଜମା ଟଙ୍କା ଫେରସ୍ତ ହେବ ନାହିଁ ।

୧୦- ସମସ୍ତ ଖାଦ୍ୟ ଦୋକାନୀମାନେ ନିଜ ନିଜ ଷ୍ଟଲରେ ଅଳିଆ ଆବର୍ଜନା ପକାଇବା ପାଇଁ ଏକ ବଡ଼ ଆକାରର ଡଷ୍ଟବିନ୍ ରଖିବେ ଏବଂ ବାସିଖାଦ୍ୟ ନିଜଦୋକାନରେ ରଖିବେ ନାହିଁ । ଯଦି ବାସି ଖାଦ୍ୟ ବିକ୍ରି କରନ୍ତି, ଫୁଡ୍ ଇନ୍‌ସପେକ୍ଟରଙ୍କ ଦ୍ୱାରା ଦଣ୍ଡିତ ହେବେ । ଫୁଡ୍ ଇନ୍‌ସପେକ୍ଟର ପ୍ରତ୍ୟେକ ଦିନ ସମସ୍ତ ଖାଦ୍ୟ ଦୋକାନ ତନଖି କରି ଉପ-ଜିଲ୍ଲାପାଳ, ବରଗଡ଼ଙ୍କୁ ରିପୋର୍ଟ ଦେବେ ।

୧୧- ଟେଣ୍ଡରରେ ସର୍ବୋଚ୍ଚ ମୂଲ୍ୟ ଦେଇ ଡାକିଥିବା ବ୍ୟକ୍ତି ଉକ୍ତ ଦିନ ଯଥା ନିଲାମ ଦିବସରେ ନିଲାମର ୧(ଏକ) ଘଣ୍ଟା ମଧ୍ୟରେ ସମସ୍ତ ଅର୍ଥ ଜମା କରିବେ । ନଚେତ୍ ଟେଣ୍ଡର ରଦ୍ଦ କରାଯିବ ଏବଂ ଦାଖଲ କରିଥିବା ଜମାରାଶି (Earnest Money) ବାଜ୍ୟାପ୍ତି ହେବ ଏବଂ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟଧାରୀଙ୍କୁ ଦିଆଯିବ ।

୧୨- ଗତ ବର୍ଷର ବାକିଦାର (Defaulter) ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ (Representative) ବ୍ୟକ୍ତି ଏହି ବର୍ଷର ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ଯଦି ଏହା ଜଣାପଡ଼େ ତାଙ୍କର ଟେଣ୍ଡର ଟି ତୁରନ୍ତ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶି (Earnest Money) ମଧ୍ୟ ବାଜ୍ୟାପ୍ତି ହେବ ।

୧୩- ଏଥି ନିମନ୍ତେ ଧନୁଯାତ୍ରା କମିଟି ଦ୍ୱାରା ପ୍ରସ୍ତୁତ ନୂତନ ନକ୍ସା ସଂଲଗ୍ନ କରାଯାଇଅଛି ।

୧୪- ସମସ୍ତ ପ୍ରକାର ବିବାଦରେ କେବଳ ଜମିଆବଣ୍ଟନ କମିଟୀର ନିଷ୍ପତ୍ତି ଚୂଡ଼ାନ୍ତ ସର୍ବମାନ୍ୟ ହେବ । ସମସ୍ତ ଆଇନଗତ ମୋକଦ୍ଦମା ବରଗଡ଼ ଅଦାଲତରେ ହିଁ କେବଳ ବିଗୃର୍ଯ୍ୟ ହେବ ।

Scanned with OKEN Scanner

## GEORGE HIGH SCHOLL FIELD

| Sl No. | Zone Name | Total Area in Sq Ft. (Including internal road) | Upset Price |
|---|---|---|---|
| 1 | 2 | 3 | 4 |
| 1 | Trade Fair-I | 36750 | 3,557,400 |
| 2 | Trade Fair-II (Rate fixed as per Trade Fair-I) | 40185 | 3,889,908 |
| 3 | i)Jhula Near Khajurtikra Road | 27490 | 2,056,252 |
| 4 | ii) Jhula from Maharaja Gali to SBI Gali | 46250 | 2,860,585 |
| 5 | Food Fest | 45186 | 2,286,412 |
| 6 | Meena Bazar<br>i) Near Khajurtikra School | 30750 | 2,767,742 |
| 7 | Small Shop<br>i) Near SBI Gali | 18947 | 2,670,101 |

## PARKING PLACE

| Sl. No. | Place | Up-Set Price |
|---|---|---|
| 1 | Bandutikra Chowk to Mahadev Temple | 115500 |
| 2 | Bandutikra Chowk to Behera Nursing Home | 198000 |
| 3 | Old VSS Statue (Near Gandhi Chowk) | 11000 |
| 4 | Kacheri Field (For the Year 2019-20) | 164604 |

ଉକ୍ତ ସର୍ତ୍ତାବଳୀକୁ ଗ୍ରହଣ କଲି ।

ପୂର୍ଣ୍ଣ ସ୍ୱାକ୍ଷର ........................................


ତା. ..................................................

ଉପ-ଜିଲ୍ଲାପାଳ ତଥା ଆବାହକ

ଜମି ଆବଣ୍ଟନ କମିଟି,

ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

Scanned with OKEN Scanner




NOTE :

CARPET AREA
MAIN ROAD - 122985 SQ FT
48 SQ FT - 250 STREET SHOPS (6'-0"X 8'-0")

BASIC ZONE ANALYSIS - DHANUYATRA BARGARH

DATE 24.12.2018

REVISED SITE LAYOUT

PRAKRUTI VASTUKALA DESIGN STUDIO
BOMIKHAL, BHUBANESWAR
789-43-56789 prakrutivastukala@gmail.com

Scanned with OKEN Scanner

OFFICE OF THE SUB-COLLECTOR, BARGARH

No 5311 /DYMS. Dt. 29.12.2023

To

The District Informatics Officer,
National Informatics Centre,
Bargarh

Sub: - Hoisting of Tender Call Notice in District Website.

Sir,

I am to sending herewith a copy of Tender Call Notice relating to Dhanuyatra Mahotsav, Bargarh, 2023-24 for hoisting of the same in the District Website for information of general public. The Tender Call Notice may be hoisted in the Bargarh District Website instantly.

*Encl- Tender Call Notice*
*& Form Set*

Yours faithfully,

28.12.23

Sub-Collector, Bargarh- Cum-Convener,
Land Allotment Committee, DYMS,
Bargarh

Memo No. 5312 /DYMS.dt. 29.12.2023

Copy submitted to the Collector, Bargarh and President, Dhanuyatra Mahotsav Samittee, Bargarh for favour of kind information and necessary action.

28.12.23

Sub-Collector, Bargarh- Cum-Convener,
Land Allotment Committee, DYMS,
Bargarh

Scanned with OKEN Scanner